# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 703 CUTTACK, WEDNESDAY, MARCH 29, 2023/CHAITRA 8, 1945**


## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୁଚନା

ତା ୧୫-୦୩-୨୦୨୩ ରିଖ

ସଂଖ୍ୟା ୧୪୯/୨୩—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା:ସିନ୍ଧିଗୁଡା, ଥାନା- ବୈପାରିଗୁଡା ନଂ-୧୦୭, ତହସିଲ- ବୈପାରିଗୁଡା, ଜିଲ୍ଲା-କୋରାପୁଟ, ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୬.୦୯୯ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ( RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ବାରା ନିମ୍ନ ଅନୁସୁଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମୀ ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ),ପୁର୍ବତଟ ରେଳପଥ କୋରାପୁଟ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ- ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା

୫-ପୂନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ,ଜୟପୁର ।

୬-ଜମିର ବିବରଣୀ

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ **NIL** ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଧିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| PROPOSAL FOR 11(1) NOTIFICATION | | | | | | |
|---|---|---|---|---|---|---|
| ଭୂମି ଅନୁସୂଚୀ | | | | | | |
| ମୌଜା:ସିନ୍ଧିଗୁଡା, ଥାନା-ବୈପାରିଗୁଡା ନଂ-୧୦୭, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ | | | | | | |
| ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ | | | | | | |
| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ,ଅଧିଗ୍ରହଣ ରକବା(ଏକର) | କିସମ | ରୟତଙ୍କ ନାମ |
| ୩ | ରୟତି | ୬୪ | ୦.୫୯୩ | ୦.୯୫୫ | ଧାନ ଅଣ ଜଳସେଚିତ ଦୁଇ | ଜୟରାମ ମାଳି,ପି-ନଂରସିହ ମାଳି, ଜା-ମାଳି,ବା-ଲଛମିପୁର,ମାଳିଗୁଡା |
| ୩ | ରୟତି | ୬୭ | ୦.୭୮୬ | ୦.୧୪୨ | ଡଙ୍ଗର | |
| ୮ | ରୟତି | ୫୪ | ୨.୭୬୮ | ୧.୧୬୭ | ଧାନ ଅଣ ଜଳସେଚିତ ଦୁଇ | ଭିକାରି ମାଳି,ଲଛମା ମାଳି, ପି-ଡମ୍ବରୁ ମାଳି,କମଳା ମାଳି,ସ୍ୱା-ଡମ୍ବରୁ ମାଳି, ଜା-ମାଳି,ବା-ଲଛମିପୁର |
| ୮ | ରୟତି | ୫୫ | ୦.୦୯୯ | ୦.୦୫୭ | | |
| ୯ | ରୟତି | ୫୯ | ୨.୧୧୩ | ୨.୦୯୨ | ଧାନ ଅଣ ଜଳସେଚିତ ଦୁଇ | ସାନମୁଦି ମାଳି, ପି-ବଳି ମାଳି,ଜା-ମାଳି,ବା-ଲଛମିପୁର |
| ୯ | ରୟତି | ୬୩ | ୧.୦୮୭ | ୦.୪୩୩ | | |
| ୧୨ | ରୟତି | ୫୮ | ୧.୨୯୭ | ୦.୬୩୭ | ଧାନ ଅଣ ଜଳସେଚିତ ଦୁଇ | ଶୁସାନ୍ତି ଶଶିରେଖା ବେହେରା, ସ୍ୱା-ପୁର୍ଣ୍ଣଚନ୍ଦ୍ର ବେହେରା,ଜା-ଖ୍ରୀଷ୍ଟିୟାନ,ବା-ବୈପାରିଗୁଡା, ତଳସାହି |
| ୧୨/୧ | ରୟତି | ୧୮ | ୧.୧୦୦ | ୦.୧୫୪ | ଡଙ୍ଗର | ଶ୍ରୀମତି ଝରଣା ପ୍ରଧାନ,ସ୍ୱା-ସହଦେବ ପ୍ରଧାନ, ଜା-ବେଣାୟତ ଓଡିଆ, ବା-ବୈପାରିଗୁଡା |
| ୧୨/୧ | ରୟତି | ୧୯ | ୦.୦୭୪ | ୦.୦୨୮ | ଡଙ୍ଗର | |
| ୧୨/୨ | ରୟତି | ୫୬ | ୦.୬୫୦ | ୦.୨୧୨ | ଧାନ ଅଣ ଜଳସେଚିତ ଦୁଇ | ଶୁକ୍ରା ହରିଜନ,ପି-ଗୋବର୍ଦ୍ଧନ ହରିଜନ, ଜା-ଡମ୍ବ,ବା-ଗନିପୁଟ |
| ୧୨/୨ | ରୟତି | ୫୭ | ୦.୨୭୯ | ୦.୨୨୨ | ଡଙ୍ଗର | |
| | | ମୋଟ | | ୬.୦୯୯ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅବ୍ଦାଲ ଏମ୍. ଅଖତର୍
ଜିଲ୍ଲାପାଳ, କୋରାପୁଟ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3721—173+6